# Akashvani, Sambalpur

## SAMBALPURI NEWS BULLETIN

### 27 May 2024- 6.47- 6.52 am.

****************************************

୩ ନମ୍ବର୍ ଖେପ୍ ଭୋଟ୍ ହାର        ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ୩ ନମ୍ବର୍ ଖେପେ ହେଇଥିବା ୬ ଟା ଲୋକ୍‌ସଭା ଆଉ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍‌ର ନିର୍ବାଚନ୍‌ଥି  ମୋଟ୍ ୭୪ ଦଶ୍‌ମିକ୍ ୪/୫ ପ୍ରତିଶତ୍ ଭୋଟ୍ ପଡ଼ିଛେ । ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ସୂତ୍ରନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ସମ୍ବଲ୍‌ପୁର୍ ଲୋକ୍‌ସଭା ଆସନ୍ ନ ସବୁନୁ ଜହ ୭୯ ଦଶ୍‌ମିକ୍ ୫/ଶୂନ୍ ପ୍ରତିଶତ୍ ଭୋଟ୍ ହେଇଥିବାର୍ ବେଲେ ଭୁବନେଶ୍ୱର୍ ନ ସବୁନୁ କମ୍ ୬୪ ଦଶ୍‌ମିକ୍ ୪/୯ ପ୍ରତିଶତ୍ ଭୋଟ୍ ପଡ଼ିଛେ । ସେନ୍ତା ଢେଙ୍କାନାଲ୍ ନ ୭୮ ଦଶ୍‌ମିକ୍ ଶୂନ୍/୧ ପ୍ରତିଶତ୍ କେନ୍ଦୁଝର୍ ନ ୭୮ ଦଶ୍‌ମିକ୍ ୯/୭ ପ୍ରତିଶତ୍, ପୁରୀ ନ ୭୫ ଦଶ୍‌ମିକ୍ ୪/୩ ପ୍ରତିଶତ୍ ଆର୍ କଟକ୍ ଲୋକ୍‌ସଭା ଆସନ୍ ନ ୭୧ ଦଶ୍‌ମିକ୍ ୨/ଶୂନ୍ ପ୍ରତିଶତ୍ ଭୋଟ୍ ପଡ଼ିଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ୩ ନମ୍ବର୍ ଖେପ୍

ନିର୍ବାଚନ୍ ଶେଷ୍ତକ୍ ପୋଷ୍ଟାଲ୍ ବାଲାଟ୍ ଜରିଏ ୯୪ ହଜାର୍ ମତଦାନ୍ ହେଇଛେ ।

ପ୍ରଧାନ୍‌ମନ୍ତ୍ରୀ - ଓଡ଼ିଶା ଗସ୍ତ

ଆର୍‌ଏନ୍‌ୟୁ/ସମ୍ବଲପୁର/କଟକ୍/ ହିନ୍ଦୁସ୍ଥାନ୍ ସମାଚାର୍

ବିଜେପିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ବୁଧବାର୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବେ । ପ୍ରଧାନ୍‌ମନ୍ତ୍ରୀ କେନ୍ଦ୍ରାପଡ଼ା, ବାଲେଶ୍ୱର୍ ଆର୍ ବାରିପଦା ନ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ସେନ୍ତା ବିଜେପି ବରିଷ୍ଠ ନେତା ଆର୍ ଗୃହମନ୍ତ୍ରୀ ଅମିତ୍ ଶାହା ଆଏବା କାଏଲ୍ ଚାନ୍ଦବାଲି, କୋରେଇ ଆର୍ ନିମାପଡ଼ା ନ ଦଲୀୟ ନିର୍ବାଚନୀ ସଭାକେ ସମ୍ବୋଧନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସେଆଡ଼େ କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଆଏବା ୨୯ ତାରିଖ୍ ବୁଧବାର୍ ଦିନ ବାଲେଶ୍ୱର୍ ଆର୍ ଚାନ୍ଦ୍‌ବାଲି ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ । ସେନ୍ତା ଦଲର୍ ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଆଏବା ୩୦ ତାରିଖ୍ ଗୁରୁବାର୍ ଦିନ ଦଲୀୟ ପ୍ରଚାର୍ ସଭାଥି ଯୋଗ୍ ଦେବେ ବଲି କଂଗ୍ରେସ୍‌ର ଓଡ଼ିଶା ପ୍ରଭାରୀ ଅଜୟ କୁମାର୍ ସୂଚ୍‌ନା ଦେଇଛନ୍ ।

ଯୁକ୍ତଦୁଇ- ଇନ୍‌ଷ୍ଟାଂଟ୍ ପରୀକ୍ଷା ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁକ୍ତ ଦୁଇ ପରୀକ୍ଷାଫଲ୍ ବାହାରିଥିବାର୍ ବେଲେ ଯେନ୍ ପରୀକ୍ଷାର୍ଥୀମାନେ ଚାହେଁବେ ଉତର୍ ଖାତା ପୁନଃମୂଲ୍ୟାୟନ୍ ଲାଗି ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ ଆଏବା ମାସର୍ ୧ ତାରିଖ୍‌ତକ୍ ବିଜ୍ଞପ୍ତି ବାହାର୍‌ବା ବଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । କଳା, ବାଣିଜ୍ୟ, ବିଜ୍ଞାନ୍ ଆର୍ ଧନ୍ଦାମୂଲକ୍ ଶିକ୍ଷାର ଛାତ୍ରଛାତ୍ରୀମାନେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ଜୁନ୍ ମାସ ଶେଷ୍ ହପ୍ତାଥି ବାର୍ଷିକ୍ ଇନ୍‌ଷ୍ଟାଂଟ୍ ପରୀକ୍ଷା ହେବା ଆର୍ ଇଥି ସିଏଚ୍‌ଏସ୍‌ଇ ପରୀକ୍ଷାଥି ଫେଲ୍ ହେଇଥିବା ପିଲାମାନେ ଭିଲ୍ ଇ ପରୀକ୍ଷା ଦେଇପାର୍‌ବେ ।

ସ୍ଥଲସେନା-କାର୍ଯ୍ୟକାଳ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସର୍‌କାର୍ ସ୍ଥଲସେନା ମୁଖ୍ୟ ମନୋଜ ପାଣ୍ଡେଙ୍କର୍ କାର୍ଯ୍ୟକାଳକେ ମାସେତକ୍ ବଢ଼େଇଛନ୍ । ପ୍ରତିରକ୍ଷା ମନ୍ତ୍ରଣାଳୟ ର୍ ସୂଚ୍‌ନା ଅନ୍‌ସାରେ ଶ୍ରୀ ପାଣ୍ଡେଙ୍କର୍ କାର୍ଯ୍ୟକାଳ ଆଏବା ୩୧ ତାରିଖ୍ ଦିନ ଶେଷ୍ ହେଉଥିଲା । କେବିନେଟ୍ ନିଯୁକ୍ତି କମିଟି

ତାଙ୍କର୍ କାର୍ଯ୍ୟକାଳକେ ଆଏବା ମାସ ୩୦ ତାରିଖ୍‌ତକ୍ ବଢ଼ାବାର୍ ପ୍ରସ୍ତାବ୍‌କେ ସ୍ୱିକୃତି ଦେଇଥିଲେ ।

ୱାର୍ଲ୍ଡ ନୋ ଟବାକୋ ଡେ ଆୱାର୍ଡ଼ -ଓଡ଼ିଶା

ଆର୍‌ଏନ୍‌ୟୁ /ସମ୍ବଲପୁର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ନୋ- ଟବାକୋ ଡେ ଅବ୍‌ସରେ ଓଡ଼ିଶାକେ 'ୱାର୍ଲ୍ଡ ନୋ ଟବାକୋ ଡେ ଆୱାର୍ଡ଼ -୨୦୨୪' ମିଲ୍‌ବା ବଲି ଘୋଷ୍‌ନା କରାଯାଇଛେ । ଓଡ଼ିଶା ତୃଣମୂଳ ସ୍ତର୍ ନ ତମାଖୁ ବର୍ଜନ୍ କ୍ଷେତ୍ରଥି ଉଲ୍ଲେଖନୀୟ ସଫଲତା ହାସଲ୍ କରିଥିବାର୍‌ନୁ ଇ ସମ୍ମାନ୍‌ଜନକ୍ ପୁରସ୍କାର୍ ପାଏବା । ଦେଶେ ଓଡ଼ିଶା ପହେଲା ରାଜ୍ୟ ଭାବେ ତମାଖୁ ମୁକ୍ତ ଗାଁ ଅଭିଯାନ୍ ଆରମ୍ଭ୍ କରିଥିଲା ।

ରଥ ତିଆରି ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଗଲାକାଏଲ୍ ତିନ୍‌ହି ରଥର ଅଖ କାମ୍ ମୁଲ୍ ହେଇଛେ । ମହାପ୍ରଭୁଙ୍କର୍ ମାଲ ମାହାର୍ଦ୍ଧ ସମର୍ପଣ୍ କରିକରି ବିଶ୍ୱକର୍ମାମାନେ ନାହାକା ଅଖ ତିଆରି ମୁଲ୍ କରିଛନ୍ । ଆଏବା

୨୯ ତାରିଖ୍ ଭଉଁରୀ ଉସ୍ବବ୍‌ଥି ଚକ ଆର୍ ଅଖ ସଂଯୋଗ୍ କରାହେବା । ଇହାଦେ ରଥଖଳା ନ ରଥଚକ କାମ୍ ଉପ୍ରେ ଜୋର୍ ଦିଆଯାଉଛେ । ଗଲାକାଏଲ୍‌ତକ୍ ତିନ୍‌ହି ରଥର୍ ୧୨ ଟା ଚକ ସରିଥିବାର୍ ସୂଚ୍‌ନା ମିଲିଛେ ।

ସାଇବର୍ ଠକ- ଅନ୍ତର୍ଜାତୀୟ କଲ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ସାଇବର୍ ଠକମାନେ ଭାରତ୍‌ର ନାଗରିକ୍‌ମାନ୍‌କୁ ଜାଲ୍ ନାଁଥି ଅନ୍ତର୍ଜାତୀୟ ନମ୍ବର୍‌ନୁ ଫୋନ୍ କରିକରି ଠକୁଥିବା ନଜର୍‌କେ ଆସିଛେ । ଇଥିର୍‌ଲାଗି କେନ୍ଦ୍ର ସର୍କାର୍‌ଙ୍କର୍ ଟେଲିକମ୍ ବିଭାଗ୍ ତର୍‌ଫୁ ନାଗରିକ୍‌ମାନ୍‌କର୍ ଲାଗି ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଇ ସାଇବର୍ ଠକମାନେ ଭାରତୀୟ ନମ୍ବର୍ ବେଭାର୍ କରିକରି ଠକୁଛନ୍ । ଇ ନମ୍ବର୍‌ନୁ ଫୋନ୍ ଆସ୍‌ଲେ ଲୋକ୍‌ମାନେ ଭାରତୀୟ ନମ୍ବର୍ ଭାବୁଛନ୍ । ହେଲେ ଇଟା ବିଦେଶ୍‌ନୁ ଆସୁଥିବା ଟେଲିକମ୍ ବିଭାଗ୍ ତର୍‌ଫୁ ଜନାପଡ଼ିଛେ । ସେଥିର୍‌ଲାଗି ଏନ୍ତା ନମ୍ବର୍‌ନୁ ଦୂରେଇ ରହେବାର୍ ସହେତେ ଫୋନ୍ ଆସ୍‌ଲେ ସଙ୍ଗେସଙ୍ଗେ ବ୍ଲକ୍ କର୍‌ବାର୍‌କେ କୁହାଯାଇଛେ । ଇତାର୍‌ସହେତେ ନାଗରିକମାନେ ଭାରତ୍ ସର୍କାର୍‌ଙ୍କର୍ ସଂଚାର୍

ସାଥୀ ପୋର୍ଟାଲ୍‌ଥି ଭିଲ୍ ଇ ବାବ୍‌ଦେ ଅଭିଯୋଗ୍ କର୍‌ବାର୍‌କେ ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ଦେଶ ପର୍ଯ୍ୟଟନ ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶେ ଇ ବଛର୍ ଗ୍ରୀଷ୍ମ ପର୍ଯ୍ୟଟନ୍ ଶତ୍‌କଡ଼ା ୪୦ ଭାଗ୍ ବଢ଼ିଛେ । ଇ ସମିଆଥି ପର୍ଯ୍ୟଟନ୍ ଆଉ ସେବାକ୍ଷେତ୍ରଥି ଜୋର୍‌ଦାର୍ ଚାହିଦା ଦେଖାଦେଇଛେ । ଗଲାବଛର୍‌ନୁ ଇ ବଛର୍ ପାରିବାରିକ୍ ଖରାଦିନିଆ ଯାତ୍ରା କ୍ଷେତ୍ରଥି ଶତ୍‌କଡ଼ା ୨୦ ନୁ ଅଏତ୍‌କା ଆଉ ସୋଲୋ ଟ୍ରାଭେଲ୍ କ୍ଷେତ୍ରଥି ଶତ୍‌କଡ଼ା ୧୦ ବଢ଼ିଛେ । ଖରାଦିନେ ଖାସ୍ କରି ହିମାଚଲ୍ ପ୍ରଦେଶ୍, କାଶ୍ମୀର୍, ଗୋଆ, କେରଳ ସହେତେ ପୂର୍ବ ଉତର୍ ରାଜ୍ୟ ମାନ୍‌କେ ପର୍ଯ୍ୟଟକ ଯା'ଆସ୍ କର୍‌ସନ୍ ।

ବାତ୍ୟା ଆର୍‌ଏନ୍‌ୟୁ / ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ବାତ୍ୟା 'ରେମାଲ୍' ପଶ୍ଚିମବଙ୍ଗ୍‌ର ସାଗରଦୀପ୍ ଆର୍ ବାଂଲାଦେଶର ଖେପୁପରା ମଝାନ ଥିବା ଉପକୂଳ ନ ସ୍ଥଳଭାଗ ଛୁଇଁଛେ । ବାତ୍ୟା

ବାଂଲାଦେଶ୍ ଆର୍ ପଶ୍ଚିମବଙ୍ଗ୍ ନ ସ୍ଥଳଭାଗ ଛୁଇଁଲା ଉତ୍ରୁ ଓଡ଼ିଶା ନ ଇତାର୍ କେନ୍ସି ପ୍ରଭାବ୍ ନାଇଁ ରହେ ବଲି ପାଣିପାଗ୍ ବିଭାଗ୍ ତରଫୁ କୁହାଯାଇଛେ ।  ସ୍ଥଳଭାଗ ଛୁଇଁଲା ବେଲ୍କେ ପବନ୍ର ବେଗ ୯୦ କିଲୋମିଟର୍ ଥିଲା । ପଛେ ପବନର୍ ବେଗ ଘଂଟାକ  ଶହେ ୧୦ ନୁ ଶହେ ୨୦ କିଲୋମିଟର୍ ଆର୍ ସ୍ଥଳଭାଗ୍ ନ ଶହେ ୩୫ କିଲୋମିଟର୍ ରହିଥିଲା । ଇତାର୍ପ୍ରଭାବ୍ଥି ଆଏଜ୍ କେନ୍ଦୁଝର୍, ବାଲେଶ୍ୱର୍, ମୟୁର୍ଭଞ୍ଜ ଆର୍ ଭଦ୍ରକ୍ ନ କମ୍ ନୁ ମଧ୍ୟମ୍ ଧରଣ୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତରଫୁ କୁହାଯାଇଛେ ।